## ସଂକ୍ଷେପରେ

### ତହସିଲଦାରଙ୍କୁ ଦାବି ଜଣାଇଲେ ଆଇନଜୀବୀ



ତେନ୍ତୁଲିଖୁଣ୍ଟି, ୫।୨(ଡି.ଏନ୍.ଏ.)- ଜିଲା ଆଇନଜୀବୀ ସଂଘ ସଭାପତି ନରସିଂହନାଥ ତ୍ରିପାଠୀ ଓ ସମ୍ପାଦକ ରାମପ୍ରସାଦ ପାତ୍ର ଓ ଅନ୍ୟ ସଦସ୍ୟମାନେ ତେନ୍ତୁଲିଖୁଣ୍ଟି ତହସିଲଦାର ପ୍ରଦୀପ କରଙ୍କୁ ଭେଟି ଆଲୋଚନା କରିଥିଲେ। ଡିମାର୍କେସନ, ୧୦୭ ସିଆର୍‌ପିସି ଭଳି ତହସିଲର ବିଭିନ୍ନ କାମ ଅହେତୁକ ବିଳମ୍ବ କରାଯାଉଛି। ଏ ଦିଗରେ ତହସିଲଦାର ଦୃଷ୍ଟିଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି। ସଂଘ ସଭାପତି ନରସିଂହନାଥ ତ୍ରିପାଠୀ, ସମ୍ପାଦକ ରାମପ୍ରସାଦ ପାତ୍ର, ଉପସଭାପତି ବିଧୁଶେଖର ତ୍ରିପାଠୀ, କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ଜଗନ୍ନାଥ ନାୟକ, ଆଇନଜୀବୀ ସନ୍ତୋଷ ନାୟକ ଓ ବିନୟ ପ୍ରକାଶ ଛାତି ଏହି ଆଲୋଚନାବେଳେ ଉପସ୍ଥିତ ଥିଲେ।

### ମହିଳା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜିତ

ନବରଙ୍ଗପୁର,୫।୨(ବି.ପ୍ର.)- ନବରଙ୍ଗପୁର ଜିଲା ଉମରକୋଟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପଲାଇନ ପକ୍ଷରୁ ଏକ ମହିଳା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ସଂସ୍ଥା ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସଂଘ ସଭାପତି ତଥା ଜିଲା କ୍ରୀଡ଼ା ସଂଘ ଇନ୍‌ଡୋର ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ, ସଂଘ ଉପସଭାପତି ତଥା ଜିଲା କ୍ରୀଡ଼ା ସଂଘ ସଂଯୋଜିକା ଇଂ. ଚନ୍ଦନା ମଲ୍ଲିକ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ହେଲ୍ପଲାଇନ୍ ସଭ୍ୟ ଅନୁପ ମଣ୍ଡଳ, ଶୁଭଙ୍କର ବାଲା, ଆଦିତ୍ୟ ରାଉତ, ସାଇକୃତି ପଣ୍ଡା, କ୍ରୀଡ଼ା ଶିକ୍ଷକ ନିରଞ୍ଜନ ପଣ୍ଡା, ସଲିମ୍ ରାଠୋର ପ୍ରମୁଖ ପରିଚାଳନା କରିଥିଲେ। ମହିଳା ଟୁର୍ଣ୍ଣାମେଣ୍ଟ ପରେ ପୁରୁଷ ବିଭାଗର ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ହେଲ୍ପଲାଇନ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

### ଡାବୁଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ବୈଠକ



ଡାବୁଗାଁ, ୫।୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ଡାବୁଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂଘ ସମ୍ପାଦକ ରମଣୀରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତିରେ ବ୍ଲକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଦୟାନିଧି ବଞ୍ଜରା ସଭାପତି, ଗୀତାଞ୍ଜଳୀ ନିହାଲ ଓ ସୂର୍ଯ୍ୟନାରାୟଣ ମାଝି ଉପସଭାପତି, ଦିବାକର ବାରିକ ସମ୍ପାଦକ, ଦଶରୁ ଭତ୍ରା ଓ ସୁକଚନ୍ଦ ହରିଜନ ସହ ସମ୍ପାଦକ, ଘାସି ମାଝି ସଂଗଠନ ସମ୍ପାଦକ, ନୀଳକଣ୍ଠ ମାଝି କୋଷାଧ୍ୟକ୍ଷ, ପୂର୍ଣ୍ଣଚନ୍ଦ୍ର ମାଝିଙ୍କୁ ସଂଯୋଜକଭାବେ ଚୟନ କରାଯାଇଛି। ଗଗନ ହରିଜନ, ଉମ୍ବୁଧର ନାୟକ ଓ ପୂର୍ଣ୍ଣ ମାଝିଙ୍କୁ ସଂଘ ସଦସ୍ୟ, ଦିବାନ ସିଂ ଆଇନ ପରାମର୍ଶଦାତା, ଦେବେନ୍ଦ୍ର ମାଝି, ଜଗବନ୍ଧୁ ମାଝିଙ୍କୁ ସର୍ବସମ୍ମତି କ୍ରମେ କ୍ଲଷ୍ଟର ଅର୍ଗାନାଇଜରଭାବେ ମନୋନୀତ କରାଯାଇଛି।

### ତ୍ରିପତି ସାହୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି

ନବରଙ୍ଗପୁର, ୫।୨(ବି.ପ୍ର.)- ଓଡ଼ିଶା ରାଜସ୍ୱ ଅମଲା ସଂଘର ଚତୁର୍ଥ ତ୍ରୈବାର୍ଷିକ ରାଜ୍ୟ ସମ୍ମିଳନୀ ଢେଙ୍କାନାଳ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ୨ଦିନିଆ ସମ୍ମିଳନୀର ଦ୍ୱିତୀୟ ଦିନରେ ରାଜ୍ୟ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହ ନିର୍ବାଚନରେ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତକରି କ୍ରମାଗତ ଭାବେ ଦ୍ୱିତୀୟ ଥର ତ୍ରିପତି ବାଲାଜୀ ସାହୁ ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସଂଘର ସାଧାରଣ ସମ୍ପାଦକ ଭାବେ ନରେଶ ଚନ୍ଦ୍ର ମହାପାତ୍ର କ୍ରମାଗତ ଭାବେ ତୃତୀୟ ଥର ନିର୍ବାଚିତ ହୋଇଛନ୍ତି।

# ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ

- ଯୋଗ୍ୟ ହିତାଧିକାରୀ ଆବାସ ଗୃହ ପାଇବାରୁ ବଞ୍ଚିତ
- ଭଙ୍ଗା ଘରେ ରହୁଛନ୍ତି ବୃଦ୍ଧା ପଦ୍ମା, ଝିଅ ଚଞ୍ଚଳା

ତେନ୍ତୁଲିଖୁଣ୍ଟି, ୫।୨(ଡି.ଏନ୍.ଏ.)

ଗରିବଙ୍କ ହିତରେ ସରକାର ଯୋଜନା ପରେ ଯୋଜନା କରୁଛନ୍ତି। କିନ୍ତୁ ସେ ସବୁର ଲାଭ ମିଳୁନି ଯୋଗ୍ୟ ହିତାଧିକାରୀଙ୍କୁ। ବିଭିନ୍ନ କାରଣରୁ ହିତାଧିକାରୀମାନେ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଉଦାହରଣ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପରଜାବାରଙ୍ଗ ପଦର ପଞ୍ଚାୟତ ଅଧୀନ ଖାତିଗୁଡ଼ା ଗାଁରେ ଦେଖିବାକୁ ମିଳିଛି ।

ଖାତିଗୁଡ଼ା ଗାଁରେ ବୃଦ୍ଧା ପଦ୍ମା ପ୍ରଧାନୀ (୭୮) ଝିଅ ଚଞ୍ଚଳା (୩୦)ଙ୍କ ସହ ରୁହନ୍ତି। ପଦ୍ମାଙ୍କୁ ମାସିକ ୫ଶହ ଟଙ୍କା ଭତ୍ତା ଓ ୩୫ କେଜି ଚାଉଳ ମିଳୁଛି। ଏତିକିରେ ହିଁ ୨ ପ୍ରାଣୀ ଚଳୁଛନ୍ତି। ଚଳିବାରେ ଅସୁବିଧା ହେବାରୁ ପଦ୍ମା ପର ଦୁଆରେ ଏକ କାମ କରୁଛନ୍ତି। ସେଥିରୁ ଯାହା କିଛି ଟଙ୍କା ମିଳୁଛି ସେଥିରେ ଚଳୁଛନ୍ତି ମା' ଝିଅ। ଏବେ ଭଙ୍ଗା ଘରେ ରହୁଛୁ। ଚଳିବାକୁ ସମ୍ବଳ ପର୍ଯ୍ୟାପ୍ତ ହେଉନି। ଘର କେମିତି ମରାମତି କରିବୁ ବୋଲି ପଦ୍ମା କହିଛନ୍ତି। ଗତ ବର୍ଷ ପୁଅର ମୃତ୍ୟୁ ଘଟିଛି। ବର୍ଷାବେଳେ ମଧ୍ୟ ଭାଗ୍ୟକୁ ଆଦରି ସେହି ଭଙ୍ଗା ଘରେ ପଡି ରହିଥିଲୁ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଡିଓ, ସରପଞ୍ଚ ସଭିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆବାସ ଯୋଜନାରେ ଘର ଦେବାକୁ ପ୍ରତିଶ୍ରୁତି ମିଳିଥିଲା। ଏଥିପାଇଁ ଆବଶ୍ୟକ କାଗଜପତ୍ର ମଧ୍ୟ ଦେଇଥିଲୁ। ତଥାପି ଘର ମିଳିନି ବୋଲି ପଦ୍ମା କହିଛନ୍ତି। ତେନ୍ତୁଲିଖୁଣ୍ଟି ବ୍ଲକରେ ୩ହଜାର ୩ଶହ ୪୮ ଜଣଙ୍କୁ ଆବାସ ଘର ମିଳିଛି। କିନ୍ତୁ ଏଥିରେ ପଦ୍ମାଙ୍କ ନାମ ନାହିଁ। ରାଜନୈତିକ ଦଳମାନେ ଦାବିପତ୍ର ଦେଇ, ବିକ୍ଷୋଭ କରି ନିଜ କାମ ସାରିଦେଉଛନ୍ତି। କିନ୍ତୁ ହିତାଧିକାରୀଙ୍କ ଦୁଃଖ ଯେଉଁଠି ଥିଲା ସେଇଠି। ଏ ନେଇ ବିଡିଓ

ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ଆମ ସ୍ତରରେ ଉଚିତ ହିତାଧିକାରୀଙ୍କ ନାମ ଯାଇଥିଲା। ଉପରସ୍ତରରେ ତାଲିକା ଛାଡିଲା ବେଳେ ଉପର ତଳ ହୋଇଯାଇଥାଇପାରେ। ପରବର୍ତ୍ତୀ ତାଲିକାରେ ନିଶ୍ଚୟ ପଦ୍ମାଙ୍କ ଭଳି ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ଭଙ୍ଗା ଘର ଆଗରେ ପଦ୍ମା ଓ ଝିଅ ଚଞ୍ଚଳା।

# 'କଂଗ୍ରେସ ସରକାର ଆସିଲେ ୨ କୋଟି ଲୋକଙ୍କୁ ମିଳିବ ନିଯୁକ୍ତି'

**ଛତିଶଗଡ ଅବକାରୀ ମନ୍ତ୍ରୀଙ୍କ ଦିନିକିଆ ଡାବୁଗାଁ ଗସ୍ତ**

ଡାବୁଗାଁ, ୫।୨ (ଡି.ଏନ୍.ଏ.)

ଛତିଶଗଡ଼ ଅବକାରୀ, ଉଦ୍ୟୋଗ ଓ ଶିଳ୍ପ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ କବାସୀ ଲକ୍ଷମା ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକକୁ ରବିବାର ଦିନିକିଆ ଗସ୍ତରେ ଆସିଛନ୍ତି। ସକାଳେ ଡାବୁଗାଁ ବ୍ଲକ ଅଧୀନ ଚଚରାଗୁଡ଼ା ଗ୍ରାମ ବିଦ୍ୟାଳୟ ପଡ଼ିଆରେ ହେଲିକପ୍ଟରରେ ଆସି ପହଞ୍ଚିଥିଲେ। ଚଚରାଗୁଡ଼ା ଗ୍ରାମରେ କଂଗ୍ରେସ ପକ୍ଷରୁ ଆୟୋଜିତ ଆଦିମ ଗର୍ଜନ ସମାବେଶରେ ସେ ଯୋଗଦେଇଥିଲେ।

ଓଡ଼ିଶା ମୁଖ୍ୟମନ୍ତ୍ରୀ ଭଲ ଭାବେ ଚାଲିବୁଲି ପାରୁନାହାନ୍ତି। ଜିଲାପାଳ ଓ ଏସ୍‌ପିମାନଙ୍କୁ ଧରି ନିଜର କାମ କରାଉଛନ୍ତି । ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ କାର୍ଯ୍ୟକ୍ରମରେ କଶ୍ମୀର ପର୍ଯ୍ୟନ୍ତ ପହଞ୍ଚିଲେ। ଏହାକୁ ରୋକିବାକୁ ଭାଜପା ବହୁ ଜାଗାରେ ଆନ୍ଦୋଳନ କରିଛି। କେନ୍ଦ୍ରର ଭାଜପା ସରକାର ଆସିବା ପରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଘଟିଛି। ସାଧାରଣ ଲୋକଙ୍କ ଜୀବନଶୈଳୀକୁ ମୋଦି ସରକାର ହନ୍ତସନ୍ତ କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଆସିବ। ଦିଲ୍ଲୀରେ ସରକାର ଗଠନ କରି ରାହୁଲ ଗାନ୍ଧୀ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସେ ବକ୍ତବ୍ୟରେ କହିଥିଲେ। ଦେଶରେ କଂଗ୍ରେସ ସରକାର ଆସିଲେ ୨ କୋଟି ବେକାରଙ୍କୁ ନିଯୁକ୍ତି ଦେବ ବୋଲି ସେ କହିଥିଲେ। ଏହି ସଭାରେ ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ପାପଡ଼ାହାଣ୍ଡି ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ବସ୍ତର ଜିଲା କଂଗ୍ରେସ ସଭାପତି ବଳରାମ ମୌରୟା, ପୂର୍ବତନ ସରପଞ୍ଚ ଧରମାନନ୍ଦ ନାୟକ, ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଛତିଶଗଡ ଅବକାରୀମନ୍ତ୍ରୀ କବାସୀ ଲକ୍ଷମା ଓ ନବରଙ୍ଗପୁର କଂଗ୍ରେସ ନେତାମାନେ ।

# ବିସ୍ଥାପିତଙ୍କ ସମସ୍ୟା, ପର୍ଯ୍ୟଟନର ବିକାଶ ନେଇ ୫-ଟି ସଚିବଙ୍କୁ ଦାବିପତ୍ର

ନନ୍ଦପୁର, ୫।୨

କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଶନିବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କୋରାପୁଟ ଜିଲା ନନ୍ଦପୁର ଗସ୍ତ ସମୟରେ ତାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଏହି ଅବସରରେ ସେମାନେ ବିସ୍ଥାପିତଙ୍କ ସମସ୍ୟା, ପର୍ଯ୍ୟଟନ ଶିଳ୍ପର ବିକାଶ ନେଇ ସଚିବଙ୍କ ସହ ଆଲୋଚନା କରିଛନ୍ତି। ନନ୍ଦପୁର ବ୍ଲକ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ରୋଜଗାର ପାଇଁ କୌଣସି କଳକାରଖାନା ନାହିଁ। ପ୍ରକୃତିର ସାଧନ ଯଥା ରାଣୀଡୁଡୁମା, ନାଗେଶରୀ ଗୁମ୍ଫା ଓ ପାହାଡ଼, ରାଜଗୁମ୍ଫା, ପରୁଆମାଳି ଗୁମ୍ଫା, ଖୁଡ଼ା ଜଳପ୍ରପାତ, ଐତିହାସିକ, କିମ୍ବଦନ୍ତୀ ଓ ଜୋଲାପୁଟ ରିଜର୍ଭର ବିସ୍ତୀର୍ଣ୍ଣ ଜଳରାଶି ରହିଛି। ଏହାର ସଦୁପଯୋଗ କରାଯାଇ ପର୍ଯ୍ୟଟନ ଶିଳ୍ପର ବିକାଶ କରାଗଲେ ସ୍ଥାନୀୟ ଲୋକେ ନିଯୁକ୍ତି ପାଇବେ ବୋଲି ସଚିବ ପାଣ୍ଡିଆନଙ୍କ ସହ ଏହି ଅବସରରେ ବୁଦ୍ଧିଜୀବୀମାନେ ଆଲୋଚନା କରିଥିଲେ। ଏଥିପ୍ରତି ଦୃଷ୍ଟି ଦିଆଯିବ ଏବଂ ସମାଧାନ କରାଯିବ ବୋଲି ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଦାବିପତ୍ରରେ ମାଛକୁଣ୍ଡ ହାଇଡ୍ରୋ ପାୱାର ପ୍ରକଳ୍ପ ପାଇଁ ନିର୍ମିତ ଜୋଲାପୁଟ ରିଜର୍ଭୟରର ଡ୍ୟାମ୍ ପାଇଁ ନିଜ ଜମି ଦେଇ ଦୀର୍ଘ ୭୦ ବର୍ଷ ହେବ ବିସ୍ଥାପିତ ଜୀବନଯାପନ କରୁଥିବା ୧୦ ପଞ୍ଚାୟତବାସୀ ଏପିଜେନକୋ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନର ଅବହେଳାର ଶିକାର ହୋଇଥିବା ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଓ କୋରାପୁଟ ଜିଲାପାଳ ଅବଦଲ ଏମ୍. ଅଖତାର ଉପସ୍ଥିତ ଥିଲେ। ପ୍ରତିନିଧି ଦଳରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, କାର୍ତ୍ତିକ ଖେମୁଣ୍ଡୁ, ରାଜେଶ ଲେନ୍ଦୁ, ଆମ୍ବା ଅଧ୍ୟକ୍ଷ ମୁନା ଦଳପତି, ନନ୍ଦପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ଜିଲା ପରିଷଦ ସଦସ୍ୟା ବିଳାସିନୀ ନାୟକ, ନମନ୍ତି ଖିଲ, ସୋମନାଥ ଖିଲ, ହରି ହନ୍ତାଳ, ଲଳିତ ଟାଙ୍ଗୁଲୁ, ଗୋବର୍ଦ୍ଧନ ମାଝି, ଦଇତାରି ଶିଶା ପ୍ରମୁଖ ସାମିଲ ଥିଲେ।



୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଦାବିପତ୍ର ଗ୍ରହଣ କରୁଛନ୍ତି ।

# ଅସ୍ୱାସ୍ଥ୍ୟକର ପରିବେଶରେ ବିକ୍ରି ହେଉଛି ଖାଦ୍ୟ

**ପ୍ରଶାସନ ନୀରବଦ୍ରଷ୍ଟା**

ଉମରକୋଟ, ୫।୨(ସ୍ୱ.ପ୍ର.)

ଉମରକୋଟ ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ ଖୋଲୁଛି ନୂଆ ନୂଆ ଜଳଖିଆ ଦୋକାନ ଓ ହୋଟେଲ। ଠେଲାଗାଡ଼ିରେ ଭଳିକି ଭଳି ଖାଦ୍ୟ ବିକ୍ରି ହେଉଛି। କିନ୍ତୁ ଏହାର ଚାରିପଟର ପରିବେଶ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ରହୁଛି। ଅନେକ ହୋଟେଲର ଖାଦ୍ୟ ଲାଇସେନ୍ସ ନାହିଁ। ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ଅସାଧୁ ହୋଟେଲ ମାଲିକ ନିମ୍ନମାନର ଖାଦ୍ୟ ସାମଗ୍ରୀ ଖାଉଟିଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ବହୁ ବ୍ୟବସାୟୀ ନିମ୍ନମାନର ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଥିଲେ ବି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ଯାଞ୍ଚ କରାଯାଉ ନାହିଁ। ଏନେଇ ଅସନ୍ତୋଷ ବଢୁଛି। କେତେକ ନିର୍ଦ୍ଦିଷ୍ଟ ଦୋକାନକୁ ଛାଡ଼ିଦେଲେ ପ୍ରାୟତଃ ବ୍ୟବସାୟୀ ଖାଦ୍ୟ ପଦାର୍ଥ ପ୍ରତି ଯତ୍ନଶୀଳ ରହୁନାହାନ୍ତି। ଅସ୍ୱଚ୍ଛ ତଥା ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଗ୍ରାହକଙ୍କୁ ଯେଉଁ ପାତ୍ରରେ ଖାଦ୍ୟ ପରଷାଯାଉଛି ତାହା ଠିକ୍ ଭାବେ ସଫା ହେଉନାହିଁ। କେତେଜଣ ଦୋକାନୀ ବାସିଖାଦ୍ୟକୁ ମଧ୍ୟ ବିକ୍ରି କରୁଛନ୍ତି। ଫଳରେ ସ୍ୱାସ୍ଥ୍ୟ ଖରାପ ହେବା ଆଶଙ୍କା ରହିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ। ବିଭାଗ ଖାଦ୍ୟର ମାନ ଯାଞ୍ଚ କରୁନି। ଖାଦ୍ୟ ବ୍ୟବସାୟ ଆରମ୍ଭ ପୂର୍ବରୁ ଜନସ୍ୱାସ୍ଥ୍ୟ ବିଭାଗରେ ପଞ୍ଜୀକୃତ କରିବାର ନିୟମ ରହିଛି। ମାତ୍ର ବହୁ ବ୍ୟବସାୟୀ ଏହା ପାଳନ କରୁ ନ ଥିବାବେଳେ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନିଷ୍କ୍ରିୟ ଅବସ୍ଥାରେ ଚାଲିଛି। ସହରରେ କେତୋଟି ଖାଦ୍ୟ ପ୍ରସ୍ତୁତକାରୀ ଦୋକାନ ପଞ୍ଜୀକୃତ ହୋଇଛି ଏବଂ ବର୍ଷରେ କେତେ ଥର ଖାଦ୍ୟ ପଦାର୍ଥର ମାନ ଯାଞ୍ଚ ହୋଇଛି ସେ ନେଇ ଜନସ୍ୱାସ୍ଥ୍ୟ ବିଭାଗ ପାଖରେ ନିର୍ଦ୍ଦିଷ୍ଟ ସୂଚନା ନାହିଁ। ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଦୋକାନ ପଞ୍ଜୀକରଣ ସମ୍ପର୍କରେ ଦୋକାନୀଙ୍କୁ ସଚେତନ କରାଇବା ସହ ଖାଦ୍ୟ ପଦାର୍ଥର ମାନ ଯାଞ୍ଚକରି ଅସାଧୁ ହୋଟେଲ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ଅରୁଣ କୁମାର ମହାରଣାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଖାଦ୍ୟର ମାନ ଲାଇସେନ୍ସ ବାବଦକୁ କୌଣସି କାର୍ଯ୍ୟ କରାଯାଇ ନାହିଁ। ଆଗାମୀ ଦିନରେ ତାହା କରାଯିବ ବୋଲି ସେ କହିଛନ୍ତି।

# 'ଚାକିରିକୁ ଅପେକ୍ଷା ନ କରି ସ୍ୱାବଲମ୍ବୀ ହୁଅ'





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ପେଣ୍ଡ୍ରାଣୀ ମହାବିଦ୍ୟାଳୟ ୩୯ତମ ବାର୍ଷିକୋତ୍ସବ**

ଉମରକୋଟ, ୫।୨(ସ୍ୱ.ପ୍ର.)

ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ୩୯ତମ ବାର୍ଷିକୋତ୍ସବ ପାଳନ କରାଯାଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୌରାଧ୍ୟକ୍ଷା ରାଧା ଭତ୍ରା ସମ୍ମାନିତ ଅତିଥି ଓ ସ୍ୱତନ୍ତ୍ର ଅତିଥିଭାବେ ଜିଲାପାଳ ଡ. କମଳଲୋଚନ ମିଶ୍ର ଯୋଗ ଦେଇଥିଲେ। ସରକାରୀ ଚାକିରିକୁ ଅପେକ୍ଷା ନ କରି ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହେବା ଉଚିତ ବୋଲି ମୁଖ୍ୟବକ୍ତାଭାବେ ଯୋଗଦେଇ ଡ. ରବୀନ୍ଦ୍ର ମିଶ୍ର କହିଥିଲେ। ମହାବିଦ୍ୟାଳୟର ବିକାଶ ପାଇଁ ଛାତ୍ର ସମାଜ ଆଗେଇ ଆସିବା ଉଚିତ ବୋଲି ମହାବିଦ୍ୟାଳୟର ଅଧକ୍ଷା ଡ. ଅନିତା ମାଝି କହିଥିଲେ। ଏଥିସହ ମହାବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୌରାଧ୍ୟକ୍ଷା ମହାବିଦ୍ୟାଳୟର ବିକାଶରେ ଅଂଶୀଦାର ହେବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଦିବଂଗତ ଅଧ୍ୟାପକ ଅଭୟ କୁମାର ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପରିବାର ପକ୍ଷରୁ ଯୁକ୍ତ ୨ ବାଣିଜ୍ୟ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ୫ହଜାର ଲେଖାଏ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଦିବାକର ପଟ୍ଟନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଶେଷାନନ୍ଦ ମିଶ୍ର ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ରାମଶଙ୍କର ପଟ୍ଟନାୟକ, ପ୍ରଦୋଷ ପଟ୍ଟନାୟକ, ଚିନ୍ମୟ ରାଉତ, ଜି. ଧର୍ମେନ୍ଦ୍ର, ସମୀର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ

ଡାବୁଗାଁ, ୫।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଥିବା ଭୈରବ ସ୍ନାତକ ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀର ନୂତନ ଶାଖା ଉଦ୍‌ଘାଟିତ ସହ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଛି। ୧୩ ଓଡ଼ିଶା ବାଟାଲିୟନ ମୁଖ୍ୟ ସୁଦୀପ ମିଶ୍ରଙ୍କ ସହିତ ନବରଙ୍ଗପୁର ଶାଖାର ତିନି ସ୍ଥଳ ବାହିନୀ ଅଧିକାରୀ ଯୋଗଦେଇଥିଲେ। ଶାରୀରିକ ଶିକ୍ଷା ଓ ପାଠପଢ଼ା ପ୍ରତି ଗୁରୁତ୍ୱ ଦେବା ଦରକାର ବୋଲି ଅତିଥିମାନେ କହିଥିଲେ। ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଶଙ୍କର ପ୍ରସାଦ ଗନ୍ତାୟତଙ୍କ ନେତୃତ୍ୱରେ ଶିବିର ଉଦ୍‌ଘାଟିତ ହୋଇଥିଲା। ଶିବିରରେ ଶାରୀରିକ ପରୀକ୍ଷା କରାଯାଇଥିଲା। ଏହା ପରେ ଏଥିରେ ଶିବିରରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀଙ୍କୁ ନେଇ ଏକ ଲିଖିତ ପରୀକ୍ଷା କରାଯାଇଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମୁଖ୍ୟ ଭାବେ ମହେନ୍ଦ୍ର ଦେବର୍ପଲ୍ଲିଙ୍କୁ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ଅର୍ପଣ କରିଥିଲେ। ଏଥିରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ମାର୍ଦ୍ଦକ୍ଷ ନାୟକ, ଇତିହାସ ବିଭାଗର ଅଧ୍ୟାପକ ଦୟାରାମ ମନୋହର ଓ ଓଡ଼ିଆ ବିଭାଗ ଅଧ୍ୟାପିକା ମନୀଷା ସରକାର ଯୋଗଦେଇଥିଲେ। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ମୁଖ୍ୟ ମହେନ୍ଦ୍ର ଦେବର୍ପଲ୍ଲୀ ଶିବିର ପରିଚାଳନା କରିଥିଲେ।

# ଅଧିକ ଛାତ୍ରୀଛାତ୍ରଙ୍କୁ ଦଳରେ ସାମିଲ ଉପରେ ଗୁରୁତ୍ୱ





କର୍ମଶାଳାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉଦ୍‌ବୋଧନ ଦେଉଛନ୍ତି।

**ବିଜୁ ଯୁବ ଛାତ୍ର ଜନତା ଦଳର ଡିଜିଟାଲ କର୍ମଶାଳା**

ଡାବୁଗାଁ, ୫।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ଜିଲା ବିଜୁ ଯୁବ ଛାତ୍ର ଜନତା ଦଳର ଡିଜିଟାଲ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଠା ଜଳସେଚନ ଉପଦେଷ୍ଟା ପ୍ରମୋଦ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ ସ୍ୱୟଂପ୍ରକାଶ ଦାସ ମୁଖ୍ୟ ଅତିଥି, ଅବିଭକ୍ତ କୋରାପୁଟ ଜିଲାର ସହ ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ଅବିଭକ୍ତ କୋରାପୁଟ ଜିଲାର ଯୁବ ଛାତ୍ର ବିଜେଡି ସଂଯୋଜକ ହରିଶଙ୍କର ରାଉତ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ଜିଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲା ଉପସଭାପତି ବଦ୍ରିନାରାୟଣ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଦିଲୁ ପଣ୍ଡା, କୋରାପୁଟ ଜୋନ୍ ସଭାପତି ତାପସ ତ୍ରିପାଠୀ, ଜିଲା ମିଡିଆ ସେଲ୍‌ର ପରେଶ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ୧୦ ବ୍ଲକର ଯୁବ ଛାତ୍ର କର୍ମୀ ସଜାଗ ରହି ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିବା, ସୋସିଆଲ ମିଡିଆରେ ଜନସାଧାରଣଙ୍କୁ ବିଜେଡି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବାକୁ ଆଲୋଚନା ହୋଇଛି। ଯୁବ ଓ ଛାତ୍ର କର୍ମୀମାନେ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଦଳରେ ସାମିଲ କରିବା ଉପରେ ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ କର୍ମୀମାନଙ୍କୁ କହିଥିଲେ। ଏହି କର୍ମଶାଳାରେ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ ଯୁବ ଛାତ୍ର ସଭାପତି ବବୁଲୁ ତ୍ରିପାଠୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ ଓ ୧୦ ବ୍ଲକରୁ ବହୁ ସଂଖ୍ୟାରେ ଯୁବ ଓ ଛାତ୍ର କର୍ମୀମାନେ ଯୋଗଦେଇଥିଲେ।

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କୋଷାଗୁମୁଡ଼ା, ୫।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅନ୍ତର୍ଗତ ଡଙ୍ଗରିଗୁଡ଼ା ଗ୍ରାମ ନିକଟରେ ଶନିବାର ରାତିରେ ଗଞ୍ଜେଇ ଚାଲାଣ ବେଳେ ଜବତ କରାଯାଇଛି । ଲହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ ଅଧୀନ ବେଣ୍ଣୁଆଗୁଡା ଗ୍ରାମର ଜଳନ୍ଧର ମାଝି। ଜଳନ୍ଧର ଏକ ବାଇକରେ ଡଙ୍ଗରିଗୁଡ଼ା (ବରଗାଁ)କୁ ଗଞ୍ଜେଇ ଆଣୁଥବା ବେଳେ ପୋଲିସ ହାତରେ ଧରାପଡିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ଗଞ୍ଜେଇ ଓ ବାଇକ୍‌କୁ ଥାନାକୁ ଆଣିଥିଲେ। ତହସିଲଦାର ଟିକୁନ୍ ଫୁଟାଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଛି । ତାହା ୨୨ କେଜି ୭୦୦ ଗ୍ରାମ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ କୋଷାଗୁମୁଡା ଥାନାରେ କେସ୍ ନଂ.୧୯/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।



ପୋଲିସ ସହ ଗିରଫ ଅଭିଯୁକ୍ତ ।

# ଦୁର୍ନୀତିର ପର୍ଦ୍ଦାଫାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅଖିଳ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଖବରଦାତା ସମ୍ମିଳନୀ**

ନବରଙ୍ଗପୁର, ୫।୨(ବି.ପ୍ର.)

ସରକାରୀ କର୍ମଚାରୀ ଓ ଅଧିକାରୀମାନେ ବ୍ୟାପକ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଏଭଳି ଅଭିଯୋଗ ଆଣିଛି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ। ଧାନମଣ୍ଡି ଆରମ୍ଭରୁ ଚାଷୀଙ୍କ ନାମ ପଞ୍ଜୀକରଣ ଓ ସାଟେଲାଇଟ ସର୍ଭେରେ ଚଞ୍ଚକତା କରାଯାଇଛି। ସମବାୟ ସଂସ୍ଥା କର୍ମଚାରୀମାନେ ଦୁର୍ନୀତି କରୁଛନ୍ତି। ଭିଜିଲାନ୍ସ ବିଭାଗ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସଂଘ ନବରଙ୍ଗପୁର ପ୍ରେସ୍ କ୍ଲବରେ ଏକ ଖବରଦାତା ସମ୍ମିଳନୀ କରି ଦାବି କରିଛି।

ଭ୍ରଷ୍ଟାଚାର ବିରୋଧୀ ସଂଗଠନ ପକ୍ଷରୁ ରାଜ୍ୟ ସଂଘ ଉପଦେଷ୍ଟା ତଥା ଗୁଣପୁର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ହାଇକୋର୍ଟର ବରିଷ୍ଠ ଓକିଲ ତଥା ସଂଗଠନ ସଭାପତି ସୁବ୍ରତ ନନ୍ଦ, ସମ୍ପାଦକ ଶ୍ୟାମସୁନ୍ଦର ପଣ୍ଡା, ନବରଙ୍ଗପୁର ଜିଲା ଶାଖା ସଭାପତି ଈଶ୍ୱର ରାଓ ଉପସ୍ଥିତ ରହି ଦୁର୍ନୀତି ବିରୋଧ ସବୁସ୍ତରରୁ ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି। ଦୁର୍ନୀତିକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଖବରଦାତାମାନେ ବିଭିନ୍ନ ସମୟରେ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମ ସହ ସାମିଲହୋଇ ଲୋକଙ୍କ ନ୍ୟାଯ୍ୟ ଅଧିକାର ହାସଲ ସକାଶେ ଆଗଭର ହେବେ ବୋଲି କର୍ମକର୍ତ୍ତାମାନେ ଆଶା ପ୍ରକଟ କରିଛନ୍ତି। ଦୁର୍ନୀତିଗ୍ରସ୍ତ ସରକାରୀ ବାବୁମାନେ ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ଦୁର୍ନୀତି ନିବାରଣ ବିଭାଗ ତଥ୍ୟାନୁଯାୟୀ ଭାରତରେ ଓଡ଼ିଶା ରାଜ୍ୟ ପ୍ରଥମ ସ୍ଥାନ ଅଧିକାର କରିଛି। ଓଡ଼ିଶାରେ ଦୁର୍ନୀତିମୂଳକ କାର୍ଯ୍ୟ ବହୁ ପରିମାଣରେ ବୃଦ୍ଧିପାଉଛିବୋଲି ଜଣାପଡୁଛି। ଅବିଭକ୍ତ କୋରାପୁଟ ଜିଲାର ବହୁ ସରକାରୀ ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ଧରା ପଡ଼ିଛନ୍ତି। ସେମାନଙ୍କଠାରୁ ଯେଉଁଭଳି ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଉଛି ତାହା ରାଜ୍ୟରେ ପ୍ରଥମ। ଜନସାଧାରଣଙ୍କ କଲ୍ୟାଣ ସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଅନୁଦାନ ଅର୍ଥର ସିଂହଭାଗ ବାଟମାରଣା କରି ସରକାରୀ କର୍ମଚାରୀମାନେ ଆତ୍ମସାତ୍ କରୁଥିବା ଏଥିରୁ ସ୍ପଷ୍ଟ ହେଉଛି। ମାର୍ଚ୍ଚ ସୁଦ୍ଧା ନବରଙ୍ଗପୁର ଜିଲାରେ ସଂଗଠନ ପକ୍ଷରୁ ଅବିଭକ୍ତ କୋରାପୁଟ ଜିଲା ପାଇଁ ଦୁର୍ନୀତି ବିରୋଧୀ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଭ୍ରଷ୍ଟାଚାର ସଙ୍ଗଠନ ପକ୍ଷରୁ ସର୍ଭେ କରାଯିବ। ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ସରକାରୀସ୍ତରରେ ପ୍ରୋତ୍ସାହନ ଦେବା ଦ୍ୱାରା ଦୁର୍ନୀତି ନିବାରଣ କେବଳ କାଗଜକଲମରେ ସୀମିତ ରହୁଛି। ପ୍ରତି ୩ ବର୍ଷରେ ଥରେ ଓଡ଼ିଶା ସର୍ଭିସ୍ କୋଡ୍ ନିୟମାନୁଯାୟୀ ବଦଳି କରିବାକୁ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ତୁରନ୍ତ ପୋଲିସ,ଜଳ ସମ୍ପଦ, କୃଷି ଓ ସମବାୟ ବିଭାଗରେ ଏହି ନିୟମ ଲାଗୁ କରିବାକୁ ଦାବି କରାଯାଇଛି। ଧାନ ସଂଗ୍ରହ କ୍ଷେତ୍ରରେ ଅଧିକାଂଶ ସମବାୟ ସଂସ୍ଥାର କର୍ମଚାରୀମାନେ ନକଲି ତାଲିକା ପ୍ରସ୍ତୁତକରି ଚାଷୀଙ୍କ ଟଙ୍କା ଆତ୍ମସାତ୍ କରୁଛନ୍ତି। ରାଜ୍ୟ ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ଅବିଭକ୍ତ କୋରାପୁଟ ଜିଲାର ଧାନ ସଂଗ୍ରହ କ୍ଷେତ୍ରରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତକରି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି।





ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଙ୍ଗଠନର ସଦସ୍ୟମାନେ।

